# NATIONAL NEWS BULLETIN (ODIA)
## 14th December - 2025
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସୁବାସ ଚନ୍ଦ୍ର ଶତପଥୀ**

## ମୁଖ୍ୟ ସମ୍ବାଦ

- ଅଷ୍ଟ୍ରେଲିଆ ଆତଙ୍କବାଦୀ ଘଟଣାକୁ ଦୃଢ଼ ନିନ୍ଦା କଲେ ପ୍ରଧାନମନ୍ତ୍ରୀ ।

— କହିଲେ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରେ ଭାରତ ।

- ଜୋର୍ଡ଼ାନ୍, ଇଥିଓପିଆ ଏବଂ ଓମାନ ଗସ୍ତରେ ଆସନ୍ତାକାଲିଠାରୁ ଯିବେ ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀରେ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ।

- ବି.ଜେ.ପି.ର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ହେଲେ ନୀତିନ ନବିନ୍

ଏବଂ

- ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ପାକିସ୍ତାନକୁ ୯୦ ରନ୍‌ରେ ପରାସ୍ତ କରି ଭାରତ ବିଜୟୀ ।

## ଅଷ୍ଟ୍ରେଲିଆ - ସୁଟ୍‌ଆଉଟ୍

ଅଷ୍ଟ୍ରେଲିଆରେ ସିଡ୍‌ନୀର ବୋଣ୍ଡି ବିଚ୍‌ଠାରେ ଆଜି ସକାଳେ ଖ୍ରୀଷ୍ଟୀୟ ଛୁଟିଦିନ ପାଳନ ସମୟରେ ଜନୈକ ବନ୍ଧୁକଧାରୀଙ୍କ ଗୁଳିଚାଳନାରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୨ ଜଣ ଆହତ ହୋଇଛନ୍ତି । ନିୟୁ ସାଉଥ୍ ୱେଲ୍‌ସ ପୁଲିସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଘଟଣା ସହ ସମ୍ପୃକ୍ତ ୨ ଜଣଙ୍କୁ ପୁଲିସ୍ ହେପାଜତ୍‌କୁ ନିଆଯାଇଛି । ମୃତକଙ୍କ ମଧ୍ୟରେ ଜଣେ ବନ୍ଧୁକଧାରୀ ମଧ ଥିବା ଗଣମାଧ୍ୟମ ରିପୋର୍ଟ ଜଣାପଡ଼ିଛି । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲ୍‌ବାନୀ ଏହି ଘଟଣା ଅତ୍ୟନ୍ତ ଦୁଃଖଦାୟକ ଭାବେ ବର୍ଣ୍ଣନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଦୁଃଖଦ ଗୁଳିଚାଳନା ଘଟଣାର ଦୃଢ଼ ନିନ୍ଦା କରିଛନ୍ତି । ଖ୍ରୀଷ୍ଟୀୟ ପର୍ବର ପ୍ରଥମ ଦିନକୁ ଜନସାଧାରଣ ଉତ୍ସାହର ସହ ପାଳନ କରୁଥିବା ସମୟରେ ଏପରି ଅମାନୁଷିକ ଘଟଣା ଘଟିଥିଲା । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ' ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ଏହି ଦୁଃଖଦ ସମୟରେ

ଅଷ୍ଟ୍ରେଲିଆବାସୀଙ୍କ ପାଇଁ ଭାରତ ଦୃଢ଼ତାର ସହ ଠିଆ ହୋଇଛି ବୋଲି ଶ୍ରୀ ମୋଦି କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ସନ୍ତ୍ରାସବାଦ ପ୍ରତି ଭାରତ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରେ ଏବଂ ସନ୍ତ୍ରାସବାଦର ସମସ୍ତ କାର୍ଯ୍ୟକଳାପ ବିରୋଧରେ ସଂଗ୍ରାମ ଲାଗି ସମର୍ଥନ ଜଣାଇଥାଏ ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ମଧ୍ୟ ଏହି ସନ୍ତ୍ରାସବାଦୀ ଆକ୍ରମଣ ଘଟଣାକୁ ନିନ୍ଦା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର’ ଘଟଣାରେ ଶିକାର ହୋଇଥିବା ବ୍ୟକ୍ତିବିଶେଷ ଏବଂ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ।

ଇସ୍ରାଏଲ୍ ବୈଦେଶିକ ମନ୍ତ୍ରୀ ଗିଡିଓନ ସା’ର୍ ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ଏବଂ ଦୀର୍ଘ ଦୁଇ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଅଷ୍ଟ୍ରେଲିଆରେ ସେମିଟିକ ବିରୋଧୀ ହିଂସାକାଣ୍ଡ ବୋଲି ସେ କହିଛନ୍ତି ।

## ପି.ଏମ୍. - ଥ୍ରୀ ନେସନ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ  ଜୋର୍ଡ଼ାନ୍, ଇଥିଓପିଆ ଏବଂ ଓମାନ୍ ଗସ୍ତରେ ଯିବେ । କିଙ୍ଗ୍ ଅବଦୁଲ୍ଲା ଦ୍ୱିତୀୟ ବିନ୍ ଅଲ୍ ହୁସେନ୍ଙ୍କ ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଏବଂ ମଙ୍ଗଳବାର ଜୋର୍ଡ଼ାନ୍ ଗସ୍ତ କରିବେ । ଭାରତ ଏବଂ ଜୋର୍ଡ଼ାନ୍ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ ବର୍ଷ

ପାଳନ ଉପଲକ୍ଷେ ଶ୍ରୀ ମୋଦିଙ୍କ ଏହି ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି ।

ଏହାପରେ ଶ୍ରୀ ମୋଦୀ ବୁଧବାର ପର୍ଯ୍ୟନ୍ତ ଇଥିଓପିଆ ଗସ୍ତ କରିବେ । ଏହି ଗସ୍ତ ଭାରତ ଦକ୍ଷିଣ-ଆଫ୍ରିକା ସହଯୋଗକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

ଗସ୍ତର ଚୂଡ଼ାନ୍ତ ପର୍ଯ୍ୟାୟରେ  ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁବାର ପର୍ଯ୍ୟନ୍ତ ଓମାନ ଗସ୍ତରେ ଯିବେ । ଉଭୟ ଦେଶ ମଧ୍ୟରେ ଥିବା ବ୍ୟାବସାୟିକ ସମ୍ପର୍କ ଏବଂ ଲୋକସମ୍ପର୍କକୁ ବୃଦ୍ଧି କରିବାପାଇଁ ଏହି ଗସ୍ତ ଅବସରରେ ଭାରତ ଓ ଓମାନ୍ ମଧ୍ୟରେ କେତେକ ଚୁକ୍ତିନାମା ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

## ପ୍ରେଜ୍ - ଏନର୍ଜି କଞ୍ଜରଭେସନ୍ ଡେ

ଶକ୍ତି ସଂରକ୍ଷଣର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବା ଏବଂ ଏ କ୍ଷେତ୍ରରେ ଦେଶର ସଫଳତାକୁ ପ୍ରତିପାଦନ କରିବା ଲକ୍ଷ୍ୟ ନେଇ ଆଜି ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଉଛି । ନୂଆଦିଲ୍ଲୀରେ ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଶକ୍ତି ସଂରକ୍ଷଣ ବର୍ତ୍ତମାନ ସମୟରେ ବିକଳ୍ପ ନୁହେଁ;

ବରଂ ଆବଶ୍ୟକତା । ସଞ୍ଚିତ ପ୍ରତ୍ୟେକ ୟୁନିଟ୍ ଶକ୍ତି, ପ୍ରକୃତି ପ୍ରତି ଦାୟିତ୍ୱବୋଧକୁ ପ୍ରତିଫଳନ କରିବା ସହ ଭବିଷ୍ୟତ ପିଢ଼ି ପାଇଁ ଯତ୍ନ ଏବଂ ସମ୍ବେଦନଶୀଳତା ପ୍ରଦର୍ଶନ କରେ ବୋଲି ରାଷ୍ଟ୍ରପତି କହିଛନ୍ତି । ଶକ୍ତି ସଂରକ୍ଷଣ ଏବଂ ସ୍ୱଚ୍ଛଶକ୍ତି ପରିବର୍ତ୍ତନ କ୍ଷେତ୍ରରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ଭାରତ ସ୍ୱଚ୍ଛଶକ୍ତି କ୍ଷେତ୍ରରେ ନିଜର ପ୍ରତିବଦ୍ଧତାକୁ ପୂରଣ କରିସାରିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ସେ କହିଛନ୍ତି, ଶକ୍ତି ଦକ୍ଷତା ଏବଂ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ।

ଏହି ଅବସରରେ ରାଷ୍ଟ୍ରପତି ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର ୨୦୨୫ ଏବଂ ଶକ୍ତି ସଂରକ୍ଷଣ ଆଧାରିତ ଜାତୀୟ ଚିତ୍ରକଳା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି ।

କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶକ୍ତିମନ୍ତ୍ରୀ ମନୋହର ଲାଲ୍ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର ଏବଂ ଜାତୀୟ ଚିତ୍ରକଳା ପ୍ରତିଯୋଗିତାର ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପ୍ରତିଯୋଗିତାରେ ଦେଶର ୧ ଲକ୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ୮୩ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ସେ କହିଛନ୍ତି ।

## ପି.ଏମ୍.-ନବୀନ ୱିସେସ୍

ଭାରତୀୟ ଜନତା ପାର୍ଟି - ବି.ଜେ.ପି. ସଂସଦୀୟ ବୋର୍ଡ଼’ ଦଳର ବରିଷ୍ଠ ନେତା ନୀତିନ ନବୀନ୍‌ଙ୍କୁ ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛି । ଶ୍ରୀ ନବୀନ ବିହାର ସରକାରରେ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି, ଶ୍ରୀ ନବୀନ ଦଳପାଇଁ ନିଷ୍ଠା ଓ ଦକ୍ଷତାର ସହ କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ତାଙ୍କର ସାଙ୍ଗଠନିକ ଅଭିଜ୍ଞତା ରହିଛି ଏବଂ ବିହାରର ବିଧାୟକ ଓ ମନ୍ତ୍ରୀ ଭାବେ ସୁନାମ ରହିଛି । ଶ୍ରୀ ନବୀନଙ୍କ କାର୍ଯ୍ୟଦକ୍ଷତା ଏବଂ ଉତ୍ସର୍ଗୀକୃତ ମନୋଭାବ ଆଗାମୀ ଦିନରେ ଦଳକୁ ଦୃଢ଼ୀଭୂତ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

## ୟୁପି. ବି.ଜେ.ପି. - ଚିଫ୍

ଅର୍ଥ ରାଷ୍ଟ୍ରମନ୍ତ୍ରୀ ତଥା ୭ ଥର ସାଂସଦ ହୋଇଥିବା ପଙ୍କଜ ଚୌଧୁରୀ ଉତ୍ତର ପ୍ରଦେଶ ବି.ଜେ.ପି. ଶାଖାର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ତଥା ବି.ଜେ.ପି. ନିର୍ବାଚନ ଦାୟିତ୍ୱରେ ଥିବା ପୀୟୁଷ ଗୋୟଲ ଆଜି ଲକ୍ଷ୍ନୌଠାରେ ସରକାରୀ ଭାବେ ଏହା ଘୋଷଣା କରିଛନ୍ତି । ରାଜ୍ୟ ବି.ଜେ.ପି. ସଭାପତି ଥିବା ଚୌଧୁରୀ ଭୁପେନ୍ଦ୍ର ଔପଚାରିକ ଭାବେ ପଙ୍କଜ ଚୌଧୁରୀଙ୍କୁ ବି.ଜେ.ପି. ପତାକା ଦେଇ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ମହାରାଜଗଞ୍ଜ୍‌ରୁ ଶ୍ରୀ ଚୌଧୁରୀ ୭ ଥର ସାଂସଦ ଭାବେ ନିର୍ବାଚିତ ହୋଇ ଉତ୍ତର ପ୍ରଦେଶର ଅନ୍ୟାନ୍ୟ ପଛୁଆବର୍ଗଙ୍କ ଲାଗି ନିଜର ବ୍ୟକ୍ତିତ୍ୱ ପରିପ୍ରକାଶ କରିଛନ୍ତି । ରାଜ୍ୟ ବି.ଜେ.ପି. ସଭାପତି ଉତ୍ତର ପ୍ରଦେଶର ଜାତୀୟ ପରିଷଦ ସଦସ୍ୟ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି । ବରିଷ୍ଠ ବି.ଜେ.ପି. ନେତା ରାଜନାଥ ସିଂହ, ଯୋଗୀ ଆଦିତ୍ୟନାଥ, ବ୍ରଜେଶ ପାଠକ, କେଶବ ପ୍ରସାଦ ମୌର୍ଯ୍ୟ, ଭୁପେନ୍ଦ୍ର ଚୌଧୁରୀ, ସ୍ମୃତି ଇରାନୀ ପ୍ରମୁଖ ୧୨୦ ଜଣ ନୂତନ ସଦସ୍ୟ ନିର୍ବାଚିତ ହୋଇଛନ୍ତି । ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ମନୋନୟନରେ ଜାତୀୟ ପରିଷଦ ସଦସ୍ୟଙ୍କ ପ୍ରମୁଖ ଭୂମିକା ରହିଥାଏ ।

## ରାଜନାଥ - ଓ୍ୱିସେସ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଉତ୍ତର ପ୍ରଦେଶର ରାଜ୍ୟ ବି.ଜେ.ପି. ଶାଖାର ନୂତନ ସଭାପତି ଭାବେ ନିର୍ବାଚିତ ପଙ୍କଜ ଚୌଧୁରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ସିଂହ’ ଦୀର୍ଘବର୍ଷ

ଧରି ଶ୍ରୀ ଚୌଧୁରୀ ସାଂସଦ ଭାବେ ୭ ଥର ନିର୍ବାଚିତ ହେବା ସହ ଦଳପାଇଁ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିଥିବାରୁ ତାଙ୍କୁ ପ୍ରଶଂସା କରିଛନ୍ତି । ଶ୍ରୀ ଚୌଧୁରୀଙ୍କ ଦୀର୍ଘ ରାଜନୈତିକ ଅଭିଜ୍ଞତା ଏବଂ କାର୍ଯ୍ୟଦକ୍ଷତା ଆଗାମୀ ଦିନରେ ଉତ୍ତର ପ୍ରଦେଶରେ ଦଳକୁ ସୁଦୃଢ଼ କରିବା ଲାଗି ସହାୟକ ହେବ ବୋଲି ଶ୍ରୀ ସିଂହ ଆଶା ପ୍ରକାଶ କରିଛନ୍ତି ।

## ଭି.ପି. - ପୋଷ୍ଟେଜ୍ ଷ୍ଟାମ୍ପ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍’ ରାଜା ପେରୁମ୍ବିଡୁଗୁ ମୁଥାରାୟାର୍ ଦ୍ୱିତୀୟ ସୁଭାରାନ ମାରନ୍ଙ୍କ ସମ୍ମାନାର୍ଥେ ଆଜି ନୂଆଦିଲ୍ଲୀରେ ଏକ ସ୍ମାରକୀ ଡାକଟିକଟ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ଶ୍ରୀ ରାଧାକ୍ରିଷ୍ଣନ୍’ ତାମିଲ୍ ସଂସ୍କୃତି ଏବଂ ଭାଷାକୁ ସରକାରଙ୍କ ନିରନ୍ତର ସମର୍ଥନକୁ ପ୍ରଶଂସା କରିଛନ୍ତି । ସେ କାଶି-ତାମିଲ୍ ସଙ୍ଗମ୍ ଭଳି ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ସେହିଭଳି ତାମିଲ୍ ରାଜା, ନେତା ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ମାନ୍ୟତା ଏବଂ ସମ୍ମାନକୁ ପ୍ରଶଂସା କରିଥିଲେ । ଦେଶ ବିକଶିତ ଭାରତ ଗଠନ ଦିଗକୁ ଅଗ୍ରସର ହେଉଥିବାରୁ ଏହାର ସାଂସ୍କୃତିକ ଗୌରବର

ପୁନରୁଦ୍ଧାରପାଇଁ କୀର୍ତ୍ତି ବହନ କରୁଥିବା ବ୍ୟକ୍ତିବିଶେଷଙ୍କୁ ମାନ୍ୟତା ପ୍ରଦାନ କରିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି ।

## ଥାଇଲାଣ୍ଡ - ସିଭିଲିଆନ୍ ଡେଥ୍

ଥାଇଲାଣ୍ଡ ଏବଂ କାମ୍ବୋଡ଼ିଆ ମଧ୍ୟରେ ଲାଗି ରହିଥିବା ସୀମାବିବାଦରେ ପ୍ରଥମ ଥର ଲାଗି ଆଜି ଥାଇଲାଣ୍ଡ୍‌ର ଜଣେ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି । ଥାଇଲାଣ୍ଡ ସରକାରଙ୍କ ପକ୍ଷରୁ ଏହି ଘଟଣାର ଦୃଢ଼ ନିନ୍ଦା କରିଯିବା ସହ ଏହା ଅମାନବୀୟ କାର୍ଯ୍ୟ ବୋଲି କୁହାଯାଇଛି । କାମ୍ବୋଡ଼ିଆ ପକ୍ଷରୁ ଜାଣିଶୁଣି ଥାଇଲାଣ୍ଡର ଜନବସତି ଅଞ୍ଚଳକୁ ଲକ୍ଷ୍ୟକରି ବାରମ୍ବାର ଗୁଳିଚାଳନା କରାଯାଉଥିବା ଅଭିଯୋଗ କରାଯାଇଚି । ଥାଇଲାଣ୍ଡ ସେନା ପକ୍ଷରୁ ଟ୍ରାଟ୍ ପ୍ରଦେଶର କେତେକ ସୀମାନ୍ତ ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଛି ।

## ଇଣ୍ଡିଆ-ବାଂଲାଦେଶ

ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଅଭିଯୋଗକୁ ଭାରତ ପ୍ରତ୍ୟାଖ୍ୟାନ କରିବା ସହ ପଡ଼ୋଶୀ ବାଂଲାଦେଶର ଅବାଧ, ମୁକ୍ତ ଓ

ନିରପେକ୍ଷ ନିର୍ବାଚନପାଇଁ ନୂଆଦିଲ୍ଲୀ ସମର୍ଥନ କରେ ବୋଲି ପ୍ରକାଶ କରିଛି । ବାଂଲାଦେଶ ବିରୋଧୀ କାର୍ଯ୍ୟପାଇଁ ଭାରତୀୟ ଅଞ୍ଚଳ ଆଦୌ ବ୍ୟବହାର କରାଯାଇ ନାହିଁ ବୋଲି ନୂଆଦିଲ୍ଲୀ କହିଛି । ବାଂଲାଦେଶରେ ମୁକ୍ତ ନିର୍ବାଚନପାଇଁ ଆଭ୍ୟନ୍ତରୀଣ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବା ନେଇ ଭାରତ ଆଶା କରୁଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## କ୍ରିକେଟ୍ - ୟୁ୧୯ ଇଣ୍ଡିଆ-ପାକ୍

୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍-୨୦୨୫ ପ୍ରତିଯୋଗିତାରେ ଭାରତ’ ପାକିସ୍ତାନକୁ ୯୦ ରନ୍‌ରେ ପରାସ୍ତ କରି ବିଜୟୀ ହୋଇଛି । ଦୁବାଇର ଆଇ.ସି.ସି. ଏକାଡେମୀ ଗ୍ରାଉଣ୍ଡରେ ଆଜି ଚାଲିଥିବା ଏହି ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ୪୬ ଓଭର ଗୋଟିଏ ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୪୦ ରନ୍ ସଂଗ୍ରହ କରିଥିଲା । ବର୍ଷାଯୋଗୁଁ ମ୍ୟାଚ୍‌କୁ ୪୯ ଓଭର୍‌ରେ ସୀମିତ ରଖାଯାଇଥିଲା । ଭାରତ ପକ୍ଷରୁ ଆରୋନ୍ ଜର୍ଜ ୮୫, କନିଷ୍କ ଚୌହାନ୍ ୪୬, ଅଧିନାୟକ ଆୟୁଷ ମାହାତ୍ରେ ୩୮ ରନ୍ ସଂଗ୍ରହ କରିଥିଲେ ।

୨୪୧ ରନ୍ ବିଜୟ ଲକ୍ଷ୍ୟର ପିଛା କରି ପାକିସ୍ତାନ ୪୧ ଓଭର ୨ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୧୫୦ ରନ୍ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା । ଭାରତ ପକ୍ଷରୁ ଦୀପେଶ ଦେବେନ୍ଦ୍ରନ ଏବଂ କନିଷ୍କ ଚୌହାନ ୩ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିବାବେଳେ କନିଷ୍କ ଚୌହାନ୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

## ତୃତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍

ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଆଜି ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଟି-ଟ୍ୱେଣ୍ଟି ସିରିଜ୍‌ର ତୃତୀୟ ମ୍ୟାଚ୍ ଜାରି ରହିଛି । ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଦକ୍ଷିଣ ଆଫ୍ରିକା ୩ ଓଭରରେ ୨ ଓ୍ୱିକେଟ୍ ବିନିମୟରେ ୭ ରନ୍ ସଂଗ୍ରହ କରିଛି ।

ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ଏପର୍ଯ୍ୟନ୍ତ ୧-୧ରେ ସିରିଜ୍ ସମାନ ସ୍ତରରେ ରହିଛି । ବାରବାଟୀ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୧୦୧ ରନ୍‌ରେ ଏବଂ ନିଉ ଚଣ୍ଡିଗଡ଼ଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୫୧ ରନ୍‌ରେ ବିଜୟୀ ହୋଇଥିଲା ।

ଆସନ୍ତା ବୁଧବାର ଲକ୍ଷ୍ନୌଠାରେ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଏବଂ ଶୁକ୍ରବାର ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ଠାରେ ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଅନୁଷ୍ଠିତ ହେବ ।

*****